ଶ୍ରୀ ସିଙ୍ଗମ ଚେଙ୍ଗୀ ଅଙ୍ଗେଣ୍ଡ୍ରୋଲୋ ଓ ଅନ୍ୟମାନେ

ବନାମ

ତାମିଲ ନାଡୁ ରାଜ୍ୟ ଏବଂ ଅନ୍ୟମାନେ

ଏପ୍ରିଲ 25, 2001

[ଏସ୍. ରାଜେନ୍ଦ୍ର ବାବୁ ଏବଂ ଏସ୍. ଏନ୍. ବାରିଆଭା, ନ୍ୟାୟମୂର୍ତ୍ତିଦ୍ୱୟ]

*ହିନ୍ଦୁ ଧାର୍ମିକ ଏବଂ ଦାତବ୍ୟ ଦେବୋତ୍ତର ସମ୍ପତ୍ତି ଅଧିନିୟମ, 1927— ଧାରା 77 (1951 ର ସଂଶୋଧନକାରୀ ଅଧିନିୟମରେ ଧାରା 57G):*

*ଏକ ବନ୍ଦୋବସ୍ତ ଦଲିଲ ଅଧୀନରେ ସମ୍ପତ୍ତିକୁ ଆଂଶିକ ଭାବେ ଧାର୍ମିକ ଏବଂ ଆଂଶିକ ଭାବେ ବ୍ୟବହାରିକ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି— ଧାରା 77 ଅନୁଯାୟୀ ଦେବୋତ୍ତର ମଣ୍ଡଳୀ ଦ୍ୱାରା ପାରିତ ଆଦେଶରେ ନିର୍ଦ୍ଧାରଣ କରାଯାଇଛି ଯେ ନ୍ୟାସ ଆୟର ପଚାଶ ପ୍ରତିଶତ ଅର୍ଥ ଧାର୍ମିକ କାର୍ଯ୍ୟରେ ବ୍ୟବହାର ହେବ— ନିର୍ଣ୍ଣୟ ହୋଇଛି, ଏହି ଆଦେଶ କ୍ଷେତ୍ରାଧିକାର ଭିତରେ ରହିଛି ।*

*ସାଧାରଣତଃ ଅଦାଲତ କିମ୍ବା ଦେବୋତ୍ତର ମଣ୍ଡଳୀ ଦ୍ୱାରା ବନ୍ଦୋବସ୍ତକାରୀଙ୍କ ଉଦ୍ଦେଶ୍ୟକୁ ପରିବର୍ତ୍ତନ କରାଯାଇପାରିବ ନାହିଁ— ତଥାପି, ବର୍ତ୍ତମାନର ମାମଲାରେ ବନ୍ଦୋବସ୍ତକାରୀଙ୍କ ଉଦ୍ଦେଶ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ—କେବଳ ପ୍ରତିଶତ ଧାର୍ଯ୍ୟ କରାଯାଇଛି— ତେଣୁ, ଆଦେଶ ବୈଧ ଅଟେ — ଭାରତର ସମ୍ବିଧାନ 1950 ଅନୁଚ୍ଛେଦ 26 ।*

**'ଏସ୍' ନାମରେ ଜଣେ ବ୍ୟକ୍ତି ଏକ ବନ୍ଦୋବସ୍ତ ଦଲିଲ ପଞ୍ଜିକୃତ କରିଥିଲେ ।ବନ୍ଦୋବସ୍ତ ଦଲିଲର ଖଣ୍ଡ 7 ଅନୁଯାୟୀ, ତାଲିକାରେ ନିର୍ଦ୍ଦିଷ୍ଟ ପରିମାଣର ବିଭିନ୍ନ ଦାନ ବିଷୟରେ ଉଲ୍ଲେଖ ରହିଥିଲା । ସେମାନେ ସବୁ ଧାର୍ମିକ, ଧର୍ମନିରପେକ୍ଷ ଏବଂ ପରୋପକାରୀ ଚରିତ୍ରର ଥିଲେ । ଏହା ପରେ, ଦେବୋତ୍ତର ମଣ୍ଡଳୀ, ହିନ୍ଦୁ ଧାର୍ମିକ ଏବଂ ଦାତବ୍ୟ ଦେବୋତ୍ତର ସମ୍ପତ୍ତି ଅଧିନିୟମ, 1927 ଅନୁଯାୟୀ ଏକ ଆଦେଶ ପାରିତ କରିଥିଲା । ଆଦେଶ ଅନୁଯାୟୀ ନ୍ୟାସ ଆୟର ପଚାଶ ପ୍ରତିଶତ, ଅର୍ଥ ଧାର୍ମିକ କାର୍ଯ୍ୟରେ ବ୍ୟବହାର ହେବ । ଆଦେଶକୁ ସଂଶୋଧନ କିମ୍ବା ବାତିଲ କରିବା ପାଇଁ କୌଣସି ଆବେଦନ ଦାଖଲ କରାଯାଇ ନଥିଲା ଏବଂ ଆଦେଶ ଚୂଡ଼ାନ୍ତ ହୋଇଥିଲା । ଏହି ଆଦେଶର ଅନୁପାଳନ କରାଯାଇନଥିବାରୁ ଆବେଦନକାରୀମାନଙ୍କୁ ଏକ ଡାକରା ଜାରି କରାଯାଇଥିଲା । ତା'ପରେ ଆବେଦନକାରୀମାନେ କୌଣସି ସଫଳତା ବିନା ଆବେଦନଗୁଡ଼ିକ ଦାଖଲ କରିଥିଲେ । ଶେଷରେ ଆବେଦନକାରୀମାନେ ଏକ ମକଦ୍ଦମା ଦାୟର କରିଥିଲେ ।ଉଚ୍ଚ ନ୍ୟାୟାଳୟ ଏହି ମକଦ୍ଦମା ଏବଂ ପରବର୍ତ୍ତୀ ଆବେଦନକୁ ଖାରଜ କରିଦେଇଥିଲେ ।**

**ଏହି ନ୍ୟାୟାଳୟରେ ଆଗତ ହୋଇଥିବା ଆବେଦନରେ ଆବେଦନକାରୀମାନେ ଯୁକ୍ତି ବାଢ଼ିଥିଲେ ଯେ ଦେବୋତ୍ତର ମଣ୍ଡଳୀର ଆଦେଶ କ୍ଷେତ୍ରାଧିକାର ବାହାରେ ଥିଲା, କାରଣ ବନ୍ଦୋବସ୍ତ ଦଲିଲ କ୍ଷେତ୍ରରେ ଧାରା 77, ଲାଗୁ ହେବ ନାହିଁ, ଯେହେତୁ କୌଣସି ନିର୍ଦ୍ଦିଷ୍ଟ ଅନୁଷ୍ଠାନକୁ କୌଣସି ଦାନ କରାଯାଇ ନାହିଁ ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: 1.1 ହିନ୍ଦୁ ଧାର୍ମିକ ଓ ଦାତବ୍ୟ ଦେବୋତ୍ତର ସମ୍ପତ୍ତି ଅଧିନିୟମ 1927 ର ଧାରା 77, ଏହି ବନ୍ଦୋବସ୍ତ ଦଲିଲ ପାଇଁ ପ୍ରଯୁଜ୍ୟ ଅଟେ, କାରଣ ବନ୍ଦୋବସ୍ତ ଦଲିଲର ଖଣ୍ଡ 7 ରୁ ଏବଂ ତାଲିକାରୁ ଜଣାପଡୁଛି ଯେ ଏଥିରେ ଦାନ କରାଯାଇଛି ଏବଂ ସମ୍ପତ୍ତିକୁ ଆଂଶିକ ଭାବେ ଧାର୍ମିକ ଏବଂ ଆଂଶିକ ଭାବେ ଧର୍ମନିରପେକ୍ଷ କାର୍ଯ୍ୟ ପାଇଁ ପ୍ରଦାନ କରାଯାଇଛି । ତେଣୁ, ଦେବୋତ୍ତର ମଣ୍ଡଳୀ ଦ୍ୱାରା ପାରିତ ଆଦେଶ କ୍ଷେତ୍ରାଧିକାର ମଧ୍ୟରେ ଥିଲା । ଆହୁରି, ଯଦି ଅଧିନିୟମର ଧାରା 77 ଲାଗୁ ହେବ କି ନାହିଁ ସେ ନେଇ କୌଣସି ବିବାଦ ରହିଛି, ତେବେ ମଣ୍ଡଳୀ ଏହି ପ୍ରଶ୍ନ ଉପରେ ନିଷ୍ପତ୍ତି ନେଇପାରିବ ଏବଂ ଏକ ଆଦେଶ ପାରିତ କରିପାରିବ ଯାହା କ୍ଷେତ୍ରାଧିକାର ମଧ୍ୟରେ ରହିବ ।**

**1.2. ବନ୍ଦୋବସ୍ତ ଦଲିଲ ଅନୁଯାୟୀ, ମଣ୍ଡଳୀ କିମ୍ବା ଅଦାଲତ, ବନ୍ଦୋବସ୍ତକାରୀଙ୍କ ଇଚ୍ଛାକୁ ବଦଳାଇ ପାରିବେ ନାହିଁ କିମ୍ବା ସେଥିରୁ ବିଚ୍ୟୁତ ହେବା ପାଇଁ ଅନୁମତି ଦେଇପାରିବେ ନାହିଁ ।**

*ଗୋଡା ରାଓ ବନାମ ମାଡ୍ରାସ ରାଜ୍ୟ,* **ଏଆଇଆର (1966) ଏସସି 653** ଏବଂ *ରତଲାଲ ବନାମ ବମ୍ବେ ରାଜ୍ୟ* **ଏଆଇଆର (1954) ଏସସି 388 ମାମଲା ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 9493/1995

20.09.90 ତାରିଖରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଓ. ଏସ୍. ଏ. ସଂଖ୍ୟା 93/1981 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ସଞ୍ଜୟ ପାରିଖ ଏବଂ ଏ. ଏନ୍. ସିଂହ ଆବେଦନକାରୀଙ୍କ ପାଇଁ ।

ମେସର୍ସ ଅର୍ପୁଥାମ ଏବଂ ଅରୁଣା ଆଣ୍ଡ କୋ. ପାଇଁ ଭି. କୃଷ୍ଣମୂର୍ତ୍ତି, ଭି. ରାମାସୁବ୍ରମଣ୍ୟମ୍ ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରା ଯାଇଥିଲା

**ନ୍ୟାୟମୂର୍ତ୍ତି ଏସ୍. ଏନ୍. ବାରିଆଭାଙ୍କ** ଦ୍ୱାରା । ଏହି ଆବେଦନ 20 ସେପ୍ଟେମ୍ବର, 1990 ତାରିଖର ଏକ ରାୟ ବିରୁଦ୍ଧରେ ଅଟେ ।**ସଂକ୍ଷେପରେ** ଉଲ୍ଲେଖ କରାଯାଇଥିବା ତଥ୍ୟଗୁଡ଼ିକୁ ନିମ୍ନରେ ଦିଆଗଲା:

1899 ମସିହାର କୌଣସି ଏକ ସମୟରେ ଶ୍ରୀ ସିଙ୍ଗମ୍ ଚେଟ୍ଟି ବକୁଲାଭରଣମ୍ ଚେଟ୍ଟି ନାମକ ଜଣେ ବ୍ୟକ୍ତି ଏକ ବନ୍ଦୋବସ୍ତ ଦଲିଲ ପଞ୍ଜିକୃତ କରିଥିଲେ । ଏହି ଆବେଦନ ଉଦ୍ଦେଶ୍ୟରେ ଏହି ବନ୍ଦୋବସ୍ତ ଦଲିଲର ଖଣ୍ଡ 7 ପ୍ରାସଙ୍ଗିକ ଅଟେ । ଏହାକୁ ନିମ୍ନମତେ ପାଠ କରାଯାଏ:

> "7.ଜମିଜମା ଘରଭଡ଼ା, ସୁଧ ଏବଂ ଅନ୍ୟାନ୍ୟ ଉତ୍ସରୁ ମିଳୁଥିବା ଆୟରୁ ପ୍ରତିବର୍ଷ ଘର ମରାମତି, ଟିକସ, କର୍ମଚାରୀଙ୍କ ଖର୍ଚ୍ଚ ଏବଂ ତାଲିକାରେ ଥିବା ସ୍ଥାୟୀ ଖର୍ଚ୍ଚଗୁଡ଼ିକୁ କାଟିବା ପରେ, ବଳକା ଟଙ୍କାରୁ 20 % ଟଙ୍କା ସଞ୍ଚିତ ରଖାଯିବ, ବାକି ଟଙ୍କାକୁ ନ୍ୟାସୀମାନେ ବୈଷ୍ଣବ କ୍ଷେତ୍ର ବା ପବିତ୍ର ସ୍ଥାନରେ ରହୁଥିବା ତେଙ୍ଗଲାଇ ବୈଷ୍ଣବ, ଭକ୍ତ, ସନ୍ନ୍ୟାସୀ, ଧାର୍ମିକ ବ୍ୟକ୍ତି, ପ୍ରଚାରକ ଏବଂ ଗରିବ ଲୋକଙ୍କ ଘର ମରାମତି, ଖାଦ୍ୟ, ଶିକ୍ଷା, ବ୍ରତ ଘର, ବିବାହ ଏବଂ ବୈଶ୍ୟ ସମ୍ପ୍ରଦାୟର ଗରିବ ତଥା ଯୁବକମାନଙ୍କ ଶିକ୍ଷା ପାଇଁ ଆବଶ୍ୟକ ଅନୁସାରେ ବର୍ଷକୁ ବର୍ଷ ଖର୍ଚ୍ଚ କରିବେ । ତଥାପି, ଯଦି ଆୟ ଉଲ୍ଲିଖିତ ତାଲିକାର ଖର୍ଚ୍ଚଠାରୁ କମ୍ ହୁଏ ଏବଂ ଏହି ଅଭାବ ପୂର୍ବ

ବର୍ଷଗୁଡ଼ିକରେ ସଂରକ୍ଷିତ 20 ପ୍ରତିଶତ ପାଣ୍ଠିରୁ ଭରଣା କରାଯିବ, ଏବଂ ଯଦି ସେହି ସଂରକ୍ଷିତ ପାଣ୍ଠି ମଧ୍ୟ ସରିଯାଏ, ତେବେ ପାରିବାରିକ ମୂର୍ତ୍ତି ପୂଜା ଏବଂ ବକ୍ତୃତା ପାଇଁ ଖର୍ଚ୍ଚ ବ୍ୟତୀତ ଦାନ ଇତ୍ୟାଦିର ଅନ୍ୟ ସମସ୍ତ ଖର୍ଚ୍ଚ, ଆୟ ଅନୁଯାୟୀ ସମୟ ସମୟରେ ସମଯୋଜନ କରାଯିବ ।"

ତାଲିକା E ରେ ବିଭିନ୍ନ ନିର୍ଦ୍ଦିଷ୍ଟ ପରିମାଣର ଅନୁଦାନ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରୁ କେତେକ ଧାର୍ମିକ ଚରିତ୍ରର ଏବଂ ଅନ୍ୟଗୁଡିକ ଧର୍ମନିରପେକ୍ଷ ଏବଂ ଦାତବ୍ୟ ଚରିତ୍ରର ଥିଲା । ତାଲିକା G ରେ ବ୍ୟକ୍ତିବିଶେଷଙ୍କୁ ଦାନ ରହିଥିଲା ।

10 ଡିସେମ୍ବର 1947 ରେ ଦେବୋତ୍ତର ମଣ୍ଡଳୀ, ହିନ୍ଦୁ ଧାର୍ମିକ ଏବଂ ଦାତବ୍ୟ ଦେବୋତ୍ତର ଅଧିନିୟମ, 1927 ର ଧାରା 77 ଅନୁଯାୟୀ ଏକ ଆଦେଶ ପାରିତ କରିଥିଲା, (ଏହାପରେ ଏହାକୁ ଅଧିନିୟମ କୁହାଯାଏ) । ଆଦେଶଟି ଏହିଭଳି ଥିଲା ଯେ, ନ୍ୟାସ ଆୟର 50 ପ୍ରତିଶତ ଅର୍ଥ ଧାର୍ମିକ ଅନୁଦାନ ଭାବରେ ଗଣାଯିବ, ଯେଉଁଥିରେ ଉକ୍ତ ଅଧିନିୟମର ବ୍ୟବସ୍ଥାଗୁଡ଼ିକ ପ୍ରଯୁଜ୍ୟ ହେବ । ଉକ୍ତ ଅଧିନିୟମର ଧାରା 77 କୁ ନିମ୍ନମତେ ପାଠ କରାଯାଏ ।

"77.(1) ଯେଉଁଠାରେ କୌଣସି ଅନୁଷ୍ଠାନର ସହାୟତା ପାଇଁ ଦାନ ବା ସମ୍ପତ୍ତି ଦିଆଯାଇଥାଏ, ଯାହାକି ଆଂଶିକ ଭାବେ ଧାର୍ମିକ ଏବଂ ଆଂଶିକ ଭାବେ ଧର୍ମନିରପେକ୍ଷ ପ୍ରକୃତିର ହୋଇଥାଏ; କିମ୍ବା ଯେଉଁଠାରେ ସେହି ସମ୍ପତ୍ତିକୁ ଧାର୍ମିକ ଏବଂ ସାଧାରଣ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ, ସେହି କ୍ଷେତ୍ରରେ ବୋର୍ଡ ପାଖରେ କ୍ଷମତା ରହିଛି ଯେ ସେମାନେ ସେହି ସମ୍ପତ୍ତି ବା ଆୟର କେତେ ଅଂଶ ଧାର୍ମିକ କାର୍ଯ୍ୟ ପାଇଁ ବ୍ୟବହାର ହେବ ତାହା ସ୍ଥିର କରିପାରିବେ,

ମାଡ୍ରାସ ଦେବୋତ୍ତର ଏବଂ ଏସଚିଟ୍ସ ନିୟମାବଳୀ, 1817 ରେ ଯାହା ବି ଲେଖାଥାଉ ନା କାହିଁକି, ଏହି ନିଷ୍ପତ୍ତି ନେବା ପାଇଁ ବୋର୍ଡ ସ୍ୱାଧୀନ ଅଟେ । ଏହାପରେ ଏପରି ଅଂଶକୁ ଏକ ଧାର୍ମିକ ଅନୁଦାନ ବୋଲି ବିବେଚନା କରାଯିବ ଏବଂ ଏହାର ପ୍ରଶାସନ ଏହି ଅଧିନିୟମର ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବ ।

(2) ଉପ-ଧାରା (1) ଅଧୀନରେ ଥିବା ଆଦେଶ ଦ୍ୱାରା ପ୍ରଭାବିତ କୌଣସି ପକ୍ଷ, ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଆଦେଶକୁ ସଂଶୋଧନ କିମ୍ବା ରଦ୍ଦ କରିବା ପାଇଁ ଅଦାଲତରେ ଆବେଦନ କରିପାରିବେ; କିନ୍ତୁ, ଏହିପରି ଆବେଦନର ଫଳାଫଳ ନ ଆସିବା ପର୍ଯ୍ୟନ୍ତ, ବୋର୍ଡର ଆଦେଶକୁ ଚୂଡ଼ାନ୍ତ ବୋଲି ଧରାଯିବ ।"

ଏହି ଆଦେଶକୁ ସଂଶୋଧନ କରିବା କିମ୍ବା ରଦ୍ଦ କରିବା ପାଇଁ କୌଣସି ଅଦାଲତରେ କୌଣସି ଆବେଦନ କରାଯାଇ ନଥିଲା । ତେଣୁ ଏହି ଆଦେଶଟି ଚୂଡ଼ାନ୍ତ ହୋଇଥିଲା ।

1951 ମସିହାରେ ଏହି ଅଧିନିୟମକୁ ସଂଶୋଧନ କରାଯାଇଥିଲା । ସଂଶୋଧିତ ଅଧିନିୟମରେ, ଧାରା 57 (g) ପୁରୁଣା ଧାରା 77 ସହିତ ସମାନ ଥିଲା ।

ଯେହେତୁ ଉକ୍ତ ଆଦେଶ ସତ୍ତ୍ୱେ ଆବେଦନକାରୀମାନେ ଉକ୍ତ ଆଦେଶରେ ଦିଆଯାଇଥିବା ନିର୍ଦ୍ଦେଶକୁ ଅନୁପାଳନ କରିନଥିଲେ, 1952 ମସିହା ମାର୍ଚ୍ଚ 15 ତାରିଖରେ ସେମାନଙ୍କୁ ଏକ ଡାକରା ଜାରି କରାଯାଇଥିଲା । ଏହାପରେ ଆବେଦନକାରୀମାନେ ଉପ-ଆୟୁକ୍ତଙ୍କ ପାଖରେ ଆବେଦନ ସଂଖ୍ୟା 75/1952 ଦାଖଲ କରିଥିଲେ । ଏହି ଆବେଦନରେ ଥିବା ପ୍ରାର୍ଥନାକୁ ନିମ୍ନମତେ ପାଠ କରାଯାଏ:

> "(8) ତେଣୁ ଏହା ପ୍ରାର୍ଥନା କରାଯାଉଛି କି, ଉପ-ଆୟୁକ୍ତ ସନ୍ତୁଷ୍ଟ ହୋଇ ଏହା ନିଷ୍ପତ୍ତି ନିଅନ୍ତୁ ଯେ, ନ୍ୟାସ ଅନ୍ତର୍ଭୁକ୍ତ ଏହି ଦାନଗୁଡ଼ିକ ଧାରା 57 (g) ଅଧୀନରେ ଆସିବ ନାହିଁ ଏବଂ ଆବେଦନକାରୀଙ୍କୁ ନ୍ୟାସ ଦଲିଲରେ ଥିବା ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଉ ଏବଂ ଉପ-ଆୟୁକ୍ତଙ୍କ 15-3-1952 ତାରିଖର ନିର୍ଦ୍ଦେଶକୁ ବର୍ତ୍ତମାନର ଆଇନର ବ୍ୟବସ୍ଥା ଏବଂ ଉପରୋକ୍ତରେ ଦର୍ଶାଯାଇଥିବା ତଥ୍ୟ ଆଧାରରେ ସଂଶୋଧନ କରାଯାଉ ।"

ଉପ-ଆୟୁକ୍ତ, 13 ସେପ୍ଟେମ୍ବର 1952 ତାରିଖରେ, ତାଙ୍କ ଆଦେଶ ଦ୍ୱାରା କହିଛନ୍ତି ଯେ 15 ମାର୍ଚ୍ଚ 1952 ରେ ତାଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ 10 ଡିସେମ୍ବର 1947 ର ଆଦେଶ ଅନୁଯାୟୀ ଥିଲା । ଏହି ଆଦେଶଟି ଚୂଡ଼ାନ୍ତ ବୋଲି ନିର୍ଣ୍ଣୟ ହୋଇଥିଲା ।ଏହା ନିର୍ଣ୍ଣୟ ହୋଇଥିଲା ଯେ ଆବେଦନକାରୀଙ୍କର ଯଦି କୌଣସି ପ୍ରତିକାର ଥାଏ, ତେବେ ତାହା କେବଳ ଆଇନର ଧାରା 103 (b) ଅନୁଯାୟୀ ସରକାରଙ୍କ ନିକଟରେ ଏକ ଆବେଦନ ଦାଖଲ କରିବା ।

ଏହାପରେ ଆବେଦନକାରୀମାନେ ଧାରା 103 (b) ଅନୁଯାୟୀ ସରକାରଙ୍କ ପାଖରେ ଏକ ଆବେଦନ ଦାଖଲ କରିଥିଲେ ।2 ଜାନୁଆରୀ 1954 ତାରିଖର ଏକ ଆଦେଶ ଦ୍ୱାରା ଆବେଦନକୁ ସମୟ ପ୍ରତିବନ୍ଧିତ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ତେବେ, ଏହା ଉଲ୍ଲେଖ କରାଯାଇଥିଲା ଯେ ଅଧିନିୟମ 57 (g) ଅନୁଯାୟୀ ଏକ ଆଦେଶ ପାଇଁ ଉପ-ଆୟୁକ୍ତଙ୍କ ପାଖରେ ନୂତନ ଭାବରେ ଆବେଦନ କରାଯାଇପାରିବ ।

ଏହାପରେ ଆବେଦନକାରୀମାନେ ଧାରା 57 (g) ଅନୁଯାୟୀ ଆବେଦନ ସଂଖ୍ୟା 55/1954 ମାଧ୍ୟମରେ ଉପ-ଆୟୁକ୍ତଙ୍କ ପାଖରେ ଆବେଦନ କରିଥିଲେ । ଏପରିକି ଏହି ଆବେଦନରେ, 1947 ମସିହା ସେପ୍ଟେମ୍ବର 10 ତାରିଖର ଆଦେଶକୁ ମଧ୍ୟ କୌଣସି ଆପତ୍ତି କରାଯାଇ ନଥିଲା । ଏଥିରେ ଏକମାତ୍ର ପ୍ରାର୍ଥନା ଏହିପରି ଥିଲା:

> "(14) ତେଣୁ ଆବେଦନକାରୀମାନେ ମାନ୍ୟବର ଉପ-ଆୟୁକ୍ତଙ୍କୁ ଏହି ପ୍ରାର୍ଥନା କରୁଛନ୍ତି ଯେ, ସେ (a) ନ୍ୟାସ ଦଲିଲର ଅନୁସୂଚୀ 'E' ରେ ଉଲ୍ଲେଖ ଥିବା ଦାତବ୍ୟ କାର୍ଯ୍ୟଗୁଡ଼ିକ ସେଥିପାଇଁ ଉଦ୍ଦିଷ୍ଟ ଅର୍ଥରାଶି ଦ୍ୱାରା ସମ୍ପାଦନ କରାଯାଉ ବୋଲି ନିର୍ଦ୍ଦେଶ ଦେବେ, ଯାହାକି ଆବଶ୍ୟକ ସ୍ଥଳେ ନ୍ୟାସ ଦଲିଲର ପାରା 7 ରେ ଥିବା ସର୍ତ୍ତାବଳୀ ଅନୁଯାୟୀ ନ୍ୟାସୀମାନଙ୍କ ବିଚାର ଅନୁସାରେ ସମନ୍ୱୟ କରାଯାଇପାରିବ ଏବଂ (b) ଏହା ସହିତ ଘୋଷଣା କରାଯାଉ ଯେ, ଏହି ଦାନଗୁଡ଼ିକ ଧାରା 57 (g) ର ପରିସରଭୁକ୍ତ ନୁହେଁ ଏବଂ ଏହି ଆୟର 50 ପ୍ରତିଶତ ବଣ୍ଟନ ବେଆଇନ ଅଟେ ଓ ଏହା ନ୍ୟାସ ଉପରେ ବାଧ୍ୟତାମୂଳକ ନୁହେଁ ଏବଂ ଏଥିସହ ପରିସ୍ଥିତି ଅନୁଯାୟୀ ଯାହା ନ୍ୟାୟୋଚିତ ଓ ଆବଶ୍ୟକ, ସେହିଭଳି ଅନ୍ୟାନ୍ୟ ଆଦେଶ ପ୍ରଦାନ କରାଯାଉ ।"

1954 ମସିହା ଜୁନ୍ 25 ତାରିଖର ଏକ ଆଦେଶ ଦ୍ୱାରା ଏହି ଆବେଦନକୁ ଏହି ଆଧାରରେ ଖାରଜ କରାଯାଇଥିଲା ଯେ ପୂର୍ବ ବୋର୍ଡ ଦ୍ୱାରା ପାରିତ ଏକ ଆଦେଶ ଉପରେ ଥିବା ଆବେଦନର ଶୁଣାଣି କରିବା ପାଇଁ ଉପ-ଆୟୁକ୍ତଙ୍କର କୌଣସି କ୍ଷମତା ନାହିଁ । ଏହି ଆଦେଶ ବିରୁଦ୍ଧରେ ଏକ ଆବେଦନକୁ 1954 ମସିହା ଅକ୍ଟୋବର 27 ତାରିଖରେ ଆୟୁକ୍ତଙ୍କ ଦ୍ୱାରା ଖାରଜ କରାଯାଇଥିଲା ।

ଏହାପରେ ଆବେଦନକାରୀମାନେ ମାଡ୍ରାସର ନଗର ଦେୱାନୀ ଅଦାଲତରେ ମକଦ୍ଦମା ସଂଖ୍ୟା 245/1955 ଆଗତ କରିଥିଲେ । ଏହି ମକଦ୍ଦମାରେ ସେମାନେ ପ୍ରାର୍ଥନା କରିଥିଲେ ଯେ 27 ଅକ୍ଟୋବର 1954 ର ଆଦେଶକୁ ରଦ୍ଦ କରାଯାଉ, କାରଣ ଏହା ହିନ୍ଦୁ ଧାର୍ମିକ ଏବଂ ଦାତବ୍ୟ ଦେବୋତ୍ତର ଅଧିନିୟମ 1951ର କ୍ଷମତା ବାହାରେ ଥିଲା । 20

ନଭେମ୍ବର 1959 ରେ ଏହି ମକଦ୍ଦମାରେ ବିଚାରାଦେଶ ପ୍ରଦାନ କରାଯାଇଥିଲା । ଆୟୁକ୍ତ ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରିଥିଲେ । 5 ଅଗଷ୍ଟ 1969 ରେ ଏକ ରାୟ ଦ୍ୱାରା ଆବେଦନକୁ ଅନୁମତି ଦିଆଯାଇଥିଲା ଏବଂ ମକଦ୍ଦମାକୁ ଖାରଜ କରାଯାଇଥିଲା । ଏହି ରାୟରେ ଏହା ନିର୍ଣ୍ଣୟ ହୋଇଛି ଯେ ଉପଆୟୁକ୍ତ ଠିକ୍ ଥିଲେ ଯେତେବେଳେ ସେ କହିଥିଲେ ଯେ ପୂର୍ବ ବୋର୍ଡ ଦ୍ୱାରା ପାରିତ ଏକ ଆଦେଶ ଉପରେ ଅପିଲରେ ଶୁଣାଣି କରିବା ପାଇଁ ତାଙ୍କର କୌଣସି କ୍ଷେତ୍ରାଧିକାର ନାହିଁ । ଆଦେଶ ଚୂଡ଼ାନ୍ତ ହୋଇଛି ବୋଲି ନିର୍ଣ୍ଣୟ ହୋଇଥିଲା । ଏହା ନିର୍ଣ୍ଣୟ ହୋଇଥିଲା ଯେ ଧାର୍ମିକ ଏବଂ ଧର୍ମନିରପେକ୍ଷ ଉଦ୍ଦେଶ୍ୟରେ ସମ୍ପତ୍ତିର ସମ୍ପୂର୍ଣ୍ଣ ହସ୍ତାନ୍ତର ହୋଇଛି କି ନାହିଁ, ଏହି ପ୍ରଶ୍ନ ସନ୍ଦେହ ମୁକ୍ତ ନଥିଲା । ଏହା ନିର୍ଣ୍ଣୟ ହୋଇଥିଲା ଯେ 1947 ମସିହାରେ ଏକ ଯଥାର୍ଥ ବିବାଦ ସୃଷ୍ଟି ହୋଇଥିଲା । ରାୟଟି ନିମ୍ନଲିଖିତ ପର୍ଯ୍ୟବେକ୍ଷଣ ସହିତ ଶେଷ ହୋଇଛି ।

> "ବୋର୍ଡର ଆଦେଶକୁ ବାତିଲ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ବାଦୀମାନେ ନିଜର ପ୍ରତିକାର ପାଇଁ ଆଇନଗତ ଭାବେ ଲଢେଇ କରିପାରିବେ କି ନାହିଁ, ସେ ସମ୍ପର୍କରେ ଆମେ କୌଣସି ମତାମତ ଉଲ୍ଲେଖ କରୁନାହୁଁ । ଯଦି ସେମାନଙ୍କୁ ସେପରି ପରାମର୍ଶ ଦିଆଯାଇଛି ତେବେ ଏହି ଉଦ୍ଦେଶ୍ୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ସ୍ୱାଧୀନ ଅଟନ୍ତି ।"

ସେମାନଙ୍କ ମାମଲାର ପର୍ଯ୍ୟବେକ୍ଷଣକୁ ଆଧାରକରି, ଆବେଦନକାରୀମାନେ, ତାମିଲନାଡୁ ହିନ୍ଦୁ ଧାର୍ମିକ ଏବଂ ଦାତବ୍ୟ ଦେବୋତ୍ତର ଅଧିନିୟମ, 1959 କିମ୍ବା ପୂର୍ବ ଅଧିନିୟମଗୁଡ଼ିକ ଅଧୀନରେ ବୋର୍ଡ କିମ୍ବା ସେମାନଙ୍କର ଅଧିକାରୀମାନେ ନ୍ୟାସର ପ୍ରଶାସନ ଏବଂ ନିୟନ୍ତ୍ରଣରେ କୌଣସି ପ୍ରକାର ହସ୍ତକ୍ଷେପ ନକରିବା ପାଇଁ ଏକ ନିଷେଧାଦେଶ ଜାରି କରିବା ପାଇଁ ମକଦ୍ଦମା ସଂଖ୍ୟା 32/1970 ଦାୟର କରି ପ୍ରାର୍ଥନା କରିଥିଲେ । ପ୍ରତିବାଦୀମାନଙ୍କ ପୂର୍ବ କାର୍ଯ୍ୟଗୁଡ଼ିକ ଅବୈଧ ଏବଂ କ୍ଷେତ୍ରାଧିକାର ବାହାରେ ବୋଲି ଦର୍ଶାଇ, ସେମାନଙ୍କ ବିରୁଦ୍ଧରେ ଏକ ନିଷେଧାଦେଶ ପାଇଁ ମଧ୍ୟ ପ୍ରାର୍ଥନା କରାଯାଇଥିଲା । ତେଣୁ ଏବେ ପ୍ରଥମ ଥର ପାଇଁ ପରୋକ୍ଷ ଉପାୟରେ 1947 ମସିହା ଡିସେମ୍ବର 10 ତାରିଖର ଆଦେଶକୁ ଆପତ୍ତି କରାଯାଇଛି । ଏହା ଉଲ୍ଲେଖଯୋଗ୍ୟ ଯେ ପୂର୍ବତନ ଦୁଇଜଣିଆ ଖଣ୍ଡପୀଠ 5 ଅଗଷ୍ଟ 1969 ର ଆଦେଶରେ ଏହା ସ୍ପଷ୍ଟ କରିଥିଲେ ଯେ, 1947 ମସିହାରେ ଏକ ଯଥାର୍ଥ ବିବାଦ ରହିଥିଲା । 1947 ମସିହା ଡିସେମ୍ବର 10 ତାରିଖର ଆଦେଶ ଚୂଡ଼ାନ୍ତ ହୋଇସାରିଛି ବୋଲି ମଧ୍ୟ ଏହା ନିର୍ଣ୍ଣୟ ହୋଇଥିଲା । ତେଣୁ ପୂର୍ବତନ ଦୁଇଜଣିଆ ଖଣ୍ଡପୀଠ ନିର୍ଣ୍ଣୟ ନେଇଥିଲେ ଯେ, 1947 ମସିହା ଡିସେମ୍ବର 10 ତାରିଖରେ ପ୍ରଦାନ କରାଯାଇଥିବା ବୋର୍ଡର ଆଦେଶ କ୍ଷେତ୍ରାଧିକାର ମଧ୍ୟରେ ଥିଲା ।

ବିଦ୍ୱାନ ଏକକ ବିଚାରପତି ଏହିପରି 10 ସେପ୍ଟେମ୍ବର 1979 ରେ ମକଦ୍ଦମାକୁ ଖାରଜ କରିଦେଇଥିଲେ । ସେହି ରାୟ ବିରୁଦ୍ଧରେ ଆଗତ ହୋଇଥିବା ଆବେଦନକୁ 20 ସେପ୍ଟେମ୍ବର 1990 ରେ ପ୍ରଦାନ କରାଯାଇଥିବା ଆକ୍ଷେପିତ ରାୟ ଦ୍ୱାରା ଖାରଜ ହୋଇଥିଲା ।

ଶ୍ରୀ ପାରେଖ ଏହି ଆଧାରରେ ଆଦେଶଗୁଡ଼ିକୁ ତୀବ୍ର ବିରୋଧ କରିଥିଲେ ଯେ, 10 ଡିସେମ୍ବର 1947 ତାରିଖରେ କୌଣସି କ୍ଷେତ୍ରାଧିକାର ବିନା ବୋର୍ଡର ଆଦେଶ ପ୍ରଦାନ କରାଯାଇଥିଲା । ସେ ଉପସ୍ଥାପନ କରିଥିଲେ ଯେ, 1927 ଅଧିନିୟମର ଧାରା 77 ପ୍ରଯୁଜ୍ୟ ହୋଇଥିଲେ ହିଁ ବୋର୍ଡ ଆଦେଶ ପାରିତ କରିପାରିଥାଆନ୍ତା । ସେ ଉପସ୍ଥାପନ କରିଥିଲେ ଯେ ଧାରା 77 ଲାଗୁ ହେବା ପାଇଁ ଏପରି ଏକ ବ୍ୟବସ୍ଥା ବା ସମ୍ପତ୍ତି ପ୍ରଦାନ କରାଯାଇଥିବା ଆବଶ୍ୟକ, ଯାହାକି ଏକ ଅନୁଷ୍ଠାନର ସହାୟତା ପାଇଁ ଉଦ୍ଦିଷ୍ଟ ଏବଂ ସେହି ଅନୁଷ୍ଠାନଟି ଆଂଶିକ ଭାବେ ଧାର୍ମିକ ଓ ଆଂଶିକ ଭାବେ

ଧର୍ମନିରପେକ୍ଷ ପ୍ରକୃତିର ହୋଇଥିବ । ସେ ଉପସ୍ଥାପନ କରିଥିଲେ ଯେ ଏହି ମାମଲାରେ କୌଣସି ନିର୍ଦ୍ଦିଷ୍ଟ ଅନୁଷ୍ଠାନକୁ କୌଣସି ଅନୁଦାନ ଦିଆଯାଇ ନାହିଁ । ସେ ଉପସ୍ଥାପନ କରିଥିଲେ ଯେ, ତେଣୁ ଧାରା 77 ଆଦୌ ଲାଗୁ ହେବ ନାହିଁ ଏବଂ ବୋର୍ଡ଼ର ଶୁଣାଣି କରିବାର କ୍ଷେତ୍ରାଧିକାର ନାହିଁ ।

ଏହା ପରେ ଉପସ୍ଥାପନ କରାଯାଇଥିଲା ଯେ ଯେକୌଣସି ପରିସ୍ଥିତିରେ, ବନ୍ଦୋବସ୍ତ ଦଲିଲରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ନିର୍ଦ୍ଦିଷ୍ଟ ଅବଦାନର ବ୍ୟବସ୍ଥା କରାଯାଇଥିଲା । ଏହା ଉପସ୍ଥାପନ କରାଯାଇଥିଲା ଯେ ଯେଉଁଠାରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ନିର୍ଦ୍ଦିଷ୍ଟ ଦାନ କରାଯାଇଛି, ସେଠାରେ ଧାରା 77 ପ୍ରଯୁଜ୍ୟ ହେବ ନାହିଁ ।ଏହା ଉପସ୍ଥାପନ କରାଯାଇଥିଲା ଯେ ଧାରା 77 କେବଳ ସେତେବେଳେ ଲାଗୁ ହେବ ଯେତେବେଳେ ଏକ ସାଧାରଣ ଅନୁଦାନ କିମ୍ବା ସମ୍ପତ୍ତି ଦିଆଯାଇଥିଲା ଏବଂ ଦାନ କିମ୍ବା ସମ୍ପତ୍ତି ଆଂଶିକ ଭାବରେ ଧାର୍ମିକ ଏବଂ ଆଂଶିକ ଭାବରେ ଧର୍ମନିରପେକ୍ଷ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବ । ଏହା ଉପସ୍ଥାପନ ହୋଇଛି ଯେ ଏହି କାରଣରୁ ମଧ୍ୟ ଧାରା 77 ଲାଗୁ ହେବ ନାହିଁ ।

10 ଡିସେମ୍ବର 1947 ତାରିଖର ଆଦେଶକୁ ଏତେ ବିଳମ୍ବରେ ଆପତ୍ତି କରିବା, କେବଳ ସେହି ସମୟରେ ହିଁ ଗ୍ରହଣୀୟ ହୋଇପାରିବ, ଯଦି ସେହି ଆଦେଶଟି କ୍ଷେତ୍ରାଧିକାର ବିନା ପାରିତ ହୋଇଥାଏ । ଏହି ଆଦେଶ କ୍ଷେତ୍ରାଧିକାର ବାହାରେ ଥିଲା କି ନାହିଁ, ତାହା 5 ଅଗଷ୍ଟ 1969 ର ଆଦେଶ ମାଧ୍ୟମରେ ଆବେଦନକାରୀଙ୍କ ବିରୁଦ୍ଧରେ ପୂର୍ବରୁ ହିଁ ନିଷ୍ପତ୍ତି ହୋଇସାରିଥିଲା । ଧାରା 77 ର ପ୍ରଥମ ଭାଗ ନିଃସନ୍ଦେହରେ ଏକ ଅନୁଷ୍ଠାନର ସମର୍ଥନ ପାଇଁ ଦିଆଯାଇଥିବା ଅନୁଦାନ କିମ୍ବା ସମ୍ପତ୍ତି ବିଷୟରେ ଆଲୋଚନା କରେ । କିନ୍ତୁ ଏହା ଏକମାତ୍ର ବ୍ୟବସ୍ଥା ନୁହେଁ ।ଧାରା 77 ସେତେବେଳେ ମଧ୍ୟ ଲାଗୁ ହୁଏ, ଯେତେବେଳେ କୌଣସି ଦାନ ବା ସମ୍ପତ୍ତି ଆଂଶିକ ଭାବେ ଧାର୍ମିକ କାର୍ଯ୍ୟ ପାଇଁ ଏବଂ ଆଂଶିକ ଭାବେ ଧର୍ମନିରପେକ୍ଷ କାର୍ଯ୍ୟ ପାଇଁ ଦିଆଯାଇଥାଏ । ନ୍ୟାସ ଦଲିଲର ଖଣ୍ଡ 7 ଏବଂ ତାଲିକା ଦର୍ଶାଏ ଯେ ଅନୁଦାନ ପ୍ରଦାନ କରାଯାଇଛି ଏବଂ ସମ୍ପତ୍ତି ଆଂଶିକ ଭାବରେ ଧାର୍ମିକ ଏବଂ ଆଂଶିକ ଭାବରେ ଧର୍ମନିରପେକ୍ଷ ବ୍ୟବହାର ପାଇଁ ଦିଆଯାଇଛି । ତେଣୁ ଏହା ସମ୍ପୂର୍ଣ୍ଣ ନିଶ୍ଚିତତାର ସହ କୁହାଯାଇପାରିବ ନାହିଁ ଯେ ଧାରା 77 ଲାଗୁ ହୋଇନଥିଲା । ଯଦି ଧାରା 77 ଲାଗୁ ହୋଇଛି କି ନାହିଁ ସେ ନେଇ କୌଣସି ବିବାଦ ଥିଲା, ତେବେ ବୋର୍ଡ ଏହି ପ୍ରଶ୍ନ ଉପରେ ନିଷ୍ପତ୍ତି ନେଇ ଏକ ଆଦେଶ ପାରିତ କରିପାରିବ ।1947 ମସିହା ଡିସେମ୍ବର 10 ତାରିଖରେ ସେ ଏପରି କରିଥିଲା । ଏହା ଏପରି ଏକ ଆଦେଶ ହେବ ଯାହା କ୍ଷେତ୍ରାଧିକାର ସହିତ ପାରିତ ହୋଇଥିଲା । ଯେହେତୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାକୁ ଆପତ୍ତି କରାଯାଇ ନଥିଲା, ଏହା ଆବେଦନକାରୀଙ୍କ ବିରୋଧରେ ଚୂଡ଼ାନ୍ତ ହୋଇଥିଲା ।

ପରବର୍ତ୍ତୀ ସମୟରେ ଏହା ଉପସ୍ଥାପିତ ହୋଇଥିଲା ଯେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଅନୁଦାନ ପ୍ରଦାନ କରାଯାଇଥିବାରୁ, 1947 ମସିହା ଡିସେମ୍ବର 10 ତାରିଖର ଆଦେଶ ସମ୍ବିଧାନର ଅନୁଚ୍ଛେଦ 26 ଦ୍ୱାରା ପ୍ରଭାବିତ ହୋଇଥିଲା । ଏହା ଉପସ୍ଥାପିତ ହୋଇଥିଲା ଯେ ବୋର୍ଡ କିମ୍ବା ଅଦାଲତ, ବନ୍ଦୋବସ୍ତକାରୀଙ୍କ ଉଦ୍ଦେଶ୍ୟକୁ ପରିବର୍ତ୍ତନ କରିପାରିବେ ନାହିଁ ଏବଂ ଏକ ବିଚ୍ୟୁତିକୁ ମଞ୍ଜୁରି କରିପାରିବେ ନାହିଁ । ଏହି ଉପସ୍ଥାପନର ସମର୍ଥନରେ, ଏଆଇଆର (1966) ଏସସି 653 ରେ ପ୍ରକାଶ ପାଇଥିବା ଗୋଡା ରାଓ ବନାମ ମାଡ୍ରାସ ରାଜ୍ୟ ମାମଲା ଏବଂ ଏଆଇଆର (1954) ଏସସି 388 ରେ ପ୍ରକାଶ ପାଇଥିବା ରତିଲାଲ ବନାମ ବମ୍ବେ ରାଜ୍ୟ ମାମଲା ଉପରେ ନିର୍ଭର କରାଯାଇଥିଲା ।

ଏହି ସାଧାରଣ ପ୍ରସ୍ତାବ ସହିତ କୌଣସି ବିବାଦ ରହିପାରିବ ନାହିଁ ଯେ, ବନ୍ଦୋବସ୍ତକାରୀଙ୍କ ଇଚ୍ଛାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ । ତେବେ, ଏହି କ୍ଷେତ୍ରରେ ବନ୍ଦୋବସ୍ତକାରୀଙ୍କ ଉଦ୍ଦେଶ୍ୟରେ କୌଣସି ପରିବର୍ତ୍ତନ କିମ୍ବା ବିଚ୍ୟୁତି

ହୋଇ ନାହିଁ । ଯାହା କରାଯାଇଛି ତାହା ହେଉଛି ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ଲାଗୁ କରାଯାଇଛି ଏବଂ ଧାର୍ମିକ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଥିବା ପରିମାଣ ଧାର୍ଯ୍ୟ କରାଯାଇଛି ।

ଏଭଳି ପରିସ୍ଥିତିରେ ଆମେ ହସ୍ତକ୍ଷେପ କରିବାର କୌଣସି କାରଣ ଦେଖୁନାହୁଁ । ଏହି ଆବେଦନକୁ ଖାରଜ କରାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଏନ୍. ଜେ. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।